# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 January - 2025

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା' ଦେଶର ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ, କହିଲେ ପ୍ରଧାନମନ୍ତ୍ରୀ

– ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ କଲେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ

- ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

- ଶ୍ରଦ୍ଧା ଓ ନିଷ୍ଠାର ସହ ଆଜି ରାଜ୍ୟରେ ପାଳନ କରାଯାଉଛି ଶାମ୍ବଦଶମୀ

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି କଳିଙ୍ଗ ଲାନ୍‌ସର୍ସ ଓ ଗୋନାସିକା ହକିଦଳ ମଧ୍ୟରେ ହେବ ମୁକାବିଲା

## ମୁଖ୍ୟ ସମ୍ବାଦ

---

---

- ଓଡ଼ିଶା' ଦେଶର ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ, କହିଲେ ପ୍ରଧାନମନ୍ତ୍ରୀ

– ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ କଲେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ

- ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ଶ୍ରଦ୍ଧା ଓ ନିଷ୍ଠାର ସହ ଆଜି ରାଜ୍ୟରେ ପାଳନ କରାଯାଉଛି ଶାମ୍ବଦଶମୀ

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି କଳିଙ୍ଗ ଲାନ୍‌ସର୍ସ ଓ ଗୋନାସିକା ଦଳ ମଧ୍ୟରେ ହେବ ମୁକାବିଲା

## ପ୍ରଧାନମନ୍ତ୍ରୀ–ପ୍ରବାସୀ ଭାରତୀୟ ସମ୍ମିଳନୀ

ଓଡ଼ିଶା’ ଭାରତର ସମୃଦ୍ଧ ଐତିହ୍ୟର ପ୍ରତିବିମ୍ବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନରେ ଆଜି ତ୍ରି-ଦିବସୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଦୟଗିରି, ଖଣ୍ଡଗିରିର ଐତିହାସିକ ଗୁମ୍ଫା, କୋଣାର୍କ ସୂର୍ଯ୍ୟମନ୍ଦିର ଆଦି ଓଡ଼ିଶାର ପ୍ରାଚୀନ କଳାକୃତିର ନିଦର୍ଶନ ସମସ୍ତଙ୍କୁ ଗର୍ବିତ କରିଛି ।

**V/O**

ଶ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କୁ ଭାରତର ସାଂସ୍କୃତିକ ରାଷ୍ଟ୍ରଦୂତ ବୋଲି ଅଭିହିତ କରିଛନ୍ତି । ସେ କହିଛନ୍ତି, ଆଜିର ଭାରତ ବିକାଶ ଏବଂ

ଐତିହ୍ୟର ମନ୍ତ୍ର ନେଇ ଅଗ୍ରସର ହେଉଛି । ଏଥିରେ ପ୍ରବାସୀ ଭାରତୀୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରବାସୀ ଭାରତୀୟମାନଙ୍କୁ ନିଜ ସଂସ୍କୃତି ଓ ଇତିହାସ ସହିତ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ପ୍ରବାସୀମାନଙ୍କ ପ୍ରତ୍ୟେକ ପ୍ରୟାସ ଭାରତର ବିକାଶର ଯାତ୍ରାକୁ ଆହୁରି ସୁଦୃଢ଼ କରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି,ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିକ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି । ଭାରତ ବିଶ୍ୱବନ୍ଧୁର ପରିଚୟ ପାଇଛି । ଭାରତ’ ବିଶ୍ୱର ସବୁଠାରୁ ଯୁବ ଏବଂ ଦକ୍ଷ ମାନବ ସମ୍ବଳ ବିଶିଷ୍ଟ ଦେଶରେ ପରିଣତ ହୋଇଛି । କେନ୍ଦ୍ର ସରକାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି ।

**V/O**

ଏହି ଅବସରରେ ପ୍ରଧାନମନ୍ତ୍ରୀ **ମା’ ପାଇଁ ଗଛଟିଏ** ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ ଥିମ୍ ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ସହ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ ପାଇଁ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରବାସୀ ଭାରତୀୟମାନଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଓଡ଼ିଶା ପ୍ରାକୃତିକ ସମ୍ପଦ, ଖଣିଜ ସମ୍ପଦ, କୃଷି ପ୍ରକ୍ରିୟାକରଣ

ଏବଂ ନବୀକରଣ ଶକ୍ତି ଶିଳ୍ପ ସହ ବ୍ୟବସାୟ ପାଇଁ ପ୍ରକୃଷ୍ଟ ଗନ୍ତବ୍ୟସ୍ଥଳ । ଓଡ଼ିଶା' ଏକ ନିବେଶ ଅନୁକୂଳ ରାଜ୍ୟ ମଧ୍ୟରୁ ଅନ୍ୟତମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କାର୍ଯ୍ୟକ୍ରମରେ ତ୍ରିନିଦାଦ୍ ଓ ଟୋବାଗୋ ଗଣରାଜ୍ୟର ରାଷ୍ଟ୍ରପତି ଖ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗ ଦେଇଥିଲେ ।

ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରବାସୀ ଭାରତୀୟଙ୍କ ସହ ବିକଶିତ ଭାରତ-୨୦୪୭ ସଂପର୍କରେ ଆଜି ଆଲୋଚନା କରିବେ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ବସ୍ ଚଳାଚଳ

ରାଜ୍ୟରୁ ବିଭିନ୍ନ ତୀର୍ଥସ୍ଥାନକୁ ବସ୍ ଚଳାଚଳ କରିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି । ଶ୍ରୀ ଜେନା କହିଛନ୍ତି, ଉତ୍ତରପ୍ରଦେଶରେ ଅନୁଷ୍ଠିତ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ଭୁବନେଶ୍ୱର, ବ୍ରହ୍ମପୁର, ଭବାନୀପାଟଣା ଓ ସମ୍ବଲପୁରରୁ ବସ୍

ଚଳାଚଳ କରିବ । ଏହା ବ୍ୟତୀତ ଅନ୍ୟ ତୀର୍ଥସ୍ଥାନକୁ ମଧ୍ୟ ବସ୍ ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଅର୍ଥନୀତି ଓ ପରିସଂଖ୍ୟାନ ବୈଠକ

ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଭୁବନେଶ୍ୱରଠାରେ ରେଞ୍ଜସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶକ ଡକ୍ଟର ବିଜୟ ଭୂଷଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଗତ  ଦୁଇ ଦିନ ଧରି ଅନୁଷ୍ଠିତ ଏହି ବୈଠକରେ ପରିସଂଖ୍ୟାନ ବ୍ୟବସ୍ଥାର ନିୟମିତ ତଦାରଖ ଉପରେ ଗୁରୁତ୍ୱାରୋପ କରାଯାଇଛି । ଏକାଦଶ କୃଷି ଗଣନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଶିଳ୍ପ ପରିସଂଖ୍ୟାନ ସଂଗ୍ରହ ଭଳି ବିଭିନ୍ନ କାର୍ଯ୍ୟକ୍ରମର ମାସିକ ଅଗ୍ରଗତିର ପୁଙ୍ଖାନୁପୁଙ୍ଖ ତର୍ଜମା କରିବାକୁ ଡକ୍ଟର ନନ୍ଦ ନିର୍ଦ୍ଦେଶ ଦେଇଛନ୍ତି ।

### ଶାମ୍ବ ଦଶମୀ

ରାଜ୍ୟରେ ଶାମ୍ବଦଶମୀ ଅତ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି । ସନ୍ତାନଙ୍କ ମଙ୍ଗଳ କାମନା ତଥା ନିରୋଗ ଏବଂ ଦୀର୍ଘଜୀବନ କାମନା କରି ମାଆମାନେ ଆଜି ସୂର୍ଯ୍ୟପୂଜା ବିଧିପୂର୍ବକ ପାଳନ କରୁଛନ୍ତି। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଅଭିଶାପଗ୍ରସ୍ତ ହୋଇ କୁଷ୍ଠରୋଗରେ ପୀଡ଼ିତ ହୋଇଥିଲେ । ଅର୍କକ୍ଷେତ୍ରରେ ଦୀର୍ଘ ୧୨ବର୍ଷ ସୂର୍ଯ୍ୟପୂଜା ପରେ ସେ ଅଭିଶାପରୁ ମୁକ୍ତି ପାଇଥିଲେ ।

ତେଣୁ ଆଜି ପୌଷମାସ ଦଶମୀ ଅବସରରେ ଶାମ୍ବଦଶମୀ ପାଳନ କରାଯାଉଛି । ଏହି ଅବସରରେ କୋଣାର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚନ୍ଦ୍ରଭାଗା ତୀର୍ଥକ୍ଷେତ୍ରରେ ସୂର୍ଯ୍ୟ ଆଳତୀ ସହ କୋଣାର୍କ ସୌର ମହାଯଜ୍ଞ ସହ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଭାଗାଠାରେ ଏହି ରଥ ଅବସ୍ଥାନ କରିବା ସହ ୨୭ ନକ୍ଷତ୍ରରେ ପୂଜାବିଧି ସଂପନ୍ନ ହେବ । କୋଣାର୍କ ସୂର୍ଯ୍ୟମନ୍ଦିରରେ ଆଜି ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି ।

## କୁମ୍ଭୀର ଗଣନା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଘୋଡ଼ାହାଡ଼ ଡ୍ୟାମ୍ ଏବଂ ଏହା ନିକଟବର୍ତ୍ତୀ ଜଳାଶୟଗୁଡ଼ିକରେ ୮୭ଟି କୁମ୍ଭୀର ଥିବା ଜଣାପଡ଼ିଛି । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଘୋଡ଼ାହାଡ଼ ଡ୍ୟାମ୍‌ରେ ୫୬ଟି କୁମ୍ଭୀର ଥିବାବେଳେ ନିକଟବର୍ତ୍ତୀ ୧୭ଟି ଜଳାଶୟରେ ୩୧ଟି କୁମ୍ଭୀର ଅଛନ୍ତି । ଗତବର୍ଷ କୁମ୍ଭୀର ସଂଖ୍ୟା ୮୪ ରହିଥିଲା । ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ କୁମ୍ଭୀର ଗଣନା ପାଇଁ ୩ଟି ଟିମ୍ ନିୟୋଜିତ ହୋଇଥିଲେ ।

## ଚାଖୀ ଖୁଣ୍ଟିଆ ଜୟନ୍ତୀ

ଶହୀଦ ଚାଖୀ ଖୁଣ୍ଟିଆଙ୍କ ୨୦୩ତମ ଜୟନ୍ତୀ ଆଜି ପାଳିତ ହେଉଛି । ପୁରୀ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଚାଖୀ ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ଆଜି ଜିଲ୍ଲାସ୍ତରୀୟ ଜୟନ୍ତୀ ପୁରୀ

ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଖୀ ଖୁଣ୍ଟିଆଙ୍କ ଜୀବନାଦର୍ଶ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## କର୍ମଶାଳା

କୋରାପୁଟ ଶହୀଦ ଲକ୍ଷ୍ମଣନାୟକ ଭେଷଜ ମହାବିଦ୍ୟାଳୟ ପରିସରରେ ଭିନ୍ନକ୍ଷମଙ୍କ ଅଧିକାର ଆଇନ-୨୦୧୬ ସଂକ୍ରାନ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଭିନ୍ନକ୍ଷମଙ୍କ ସୁରକ୍ଷା, ଅଧିକାର ଏବଂ ଆଇନର ବିଭିନ୍ନ ଦିଗ ସଂପର୍କରେ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ଜିଲ୍ଲାର ୧୪ଟି ବ୍ଲକ ଏବଂ ୪ଟି ପୌରପାଳିକାର ୯୦ ଜଣ ଦିବ୍ୟାଙ୍ଗ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।

## ସୁବର୍ଣ୍ଣ ଲୋକମହୋତ୍ସବ

ସୁବର୍ଣ୍ଣ ଲୋକମହୋତ୍ସ ପାଳନ ଅବସରରେ **ଜାତୀୟ ଶିକ୍ଷାନୀତି-୨୦୨୦ ଓ ଉଚ୍ଚଶିକ୍ଷା** ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର କେଦାରନାଥ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପସଚିବ

ଡକ୍ଟର ଉମାଚରଣ ପତି ପ୍ରମୁଖ ଯୋଗ ଦେଇ ଜାତୀୟ ଶିକ୍ଷାନୀତିର ମୌଳିକତା ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି କଳିଙ୍ଗ ଲାନ୍‌ସର୍ସ ଏବଂ ଗୋନାସିକା ହକି ଦଳ ମଧ୍ୟରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୋଫାନ୍ସ ବିଜୟୀ ହୋଇଥିଲେ । ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ' ଗୋନାସିକାକୁ ୬-୫ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ହାଇଦ୍ରାବାଦ ତୋଫାନ୍ସ' ୟୁପି ରୁଦ୍ରାସ୍ ବିପକ୍ଷରେ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଆନୁକୂଲ୍ୟରେ ରାଉରକେଲା ଏବଂ ରାଞ୍ଚିରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ - ୨୦୨୪-୨୫ର ପୁରସ୍କାର ରାଶି ବୃଦ୍ଧି କରାଯାଇଛି । ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବର୍ଗରେ ମୋଟ୍ ୧୦ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ପୁରୁଷ ବର୍ଗ ଚାମ୍ପିୟନ୍ ଦଳକୁ ୩ କୋଟି ଏବଂ ମହିଳା ବର୍ଗ ଚାମ୍ପିୟନ୍ ଦଳକୁ ୧ କୋଟି ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ରାଉରକେଲା ଏବଂ ରାଞ୍ଚିଠାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ପୁରୁଷ ବର୍ଗରେ ୮ଟି ଦଳ ଏବଂ ମହିଳା ବର୍ଗରେ ୪ଟି ଦଳ ଭାଗ ନେଇଛନ୍ତି ।

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଗତକାଲି ଖେଳାଯାଇଥିବା ପ୍ରଥମ ମ୍ୟାଚରେ ତାମିଲ୍‌ନାଡୁ ଡାଗନ୍ସ ୬-୫ ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନ୍ସ' ୟୁ.ପି. ରୁଦ୍ରାସକୁ ୩-୦ ଗୋଲ୍‌ରେ ହରାଇ ଦେଇଛି । ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ ତୋଫାନ୍ସର ଏହା ପ୍ରଥମ ବିଜୟ ।

## ପାଣିପାଗ

ରାଜ୍ୟରେ ପାଗ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଗାମୀ ୨ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବନାହିଁ । ଏହା ପରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ସୁନ୍ଦରଗଡ଼, କନ୍ଧମାଳ ଏବଂ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।